# NATIONAL NEWS BULLETIN (ODIA)

## 16 July - 2024

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ଜି-୨୦ ଟାସ୍କଫୋର୍ସର ଚୂଡ଼ାନ୍ତ ରିପୋର୍ଟରେ ୫୦ ବର୍ଷର ଲକ୍ଷ୍ୟ ୯ ବର୍ଷରେ ହାସଲ ହୋଇଥିବା ସୂଚନା ।
- ଆମେରିକା ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରିପବ୍ଲିକାନ୍ ପାର୍ଟିର ରାଷ୍ଟ୍ରପତି ପ୍ରାର୍ଥୀ ଘୋଷିତ ।
- ଆଫଗାନିସ୍ତାନରେ ଅଚାନକ୍ ବନ୍ୟାରେ ୩୫ରୁ ଅଧିକ ମୃତ ।
- ଶାନ୍ତିଶୃଙ୍ଖଳାର ସହ ପୁରୀ ଶ୍ରୀ କ୍ଷେତ୍ରରେ ସରିଲା ଶ୍ରୀଜୀଉଙ୍କ ବାହୁଡ଼ାଯାତ୍ରା ।

– ଆସନ୍ତାକାଲି ସୁନାବେଶ ପାଇଁ ପ୍ରସ୍ତୁତି ।

ଏବଂ

- ସ୍ୱିଡିସ୍ ଓପନ୍ ଟେନିସ୍‌ର ପୁରୁଷ ସିଙ୍ଗଲ୍ସରେ ଆଜି ମୁହାଁମୁହିଁ ହେବେ ଭାରତ ଓ ସ୍ୱିଡେନ୍ ।

# ଜି-୨୦ ଟାକ୍ସ ଫୋର୍ସ୍

ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି ଉପରେ ଆଧାରିତ ଭାରତର ଜି-୨୦ ଟାକ୍ସଫୋର୍ସ୍‌ର ଚୂଡ଼ାନ୍ତ ରିପୋର୍ଟ ପ୍ରକାଶ ପାଇଛି । ଅର୍ଥନୈତିକ ପରିବର୍ତ୍ତନ, ଆର୍ଥିକ ଅନ୍ତର୍ଭୁକ୍ତ କରଣ ଏବଂ ବିକାଶ ପାଇଁ ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି ଉପରେ ଏହି ଟାକ୍ସଫୋର୍ସ୍ ଗଠନ କରାଯାଇଥିଲା । ଜି-୨୦ ସେର୍ପା ଅମିତାଭ କାନ୍ତ ଏବଂ ଇନ୍‌ଫୋସିସ୍‌ର ସହ-ପ୍ରତିଷ୍ଠାତା ନନ୍ଦନ ନିଲେକାନିଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟି ମାତ୍ର ୯ ବର୍ଷରେ ୫୦ ବର୍ଷର ଲକ୍ଷ୍ୟ ହାସଲ କରାଯାଇଥିବା କହିଛନ୍ତି । ସେହି ରିପୋର୍ଟ୍‌ରେ ଭାରତ ବିଶ୍ୱସ୍ତରରେ ସର୍ବାଧିକ ଡିଜିଟାଲ୍ କାରବାର କରିଥିବା ଦେଶ ବୋଲି କୁହାଯାଇଛି । ବିଶ୍ୱର ମୋଟ୍ ଡିଜିଟାଲ୍ କାରବାରର ୪୬ ପ୍ରତିଶତ ଭାରତରେ ହୋଇଛି । ଅନ୍ୟ ପକ୍ଷରେ ୧୬୦ ନିୟୁତ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତରଣ, ମାଗଣା କୋଭିଡ୍ ଟିକା ପ୍ରଦାନ ଭାରତର ଡିଜିଟାଇଜେସନ୍ ବ୍ୟବସ୍ଥାର ଉନ୍ନତମାନ ଦର୍ଶାଉଥିବା ରିପୋର୍ଟରେ କୁହାଯାଇଛି । ଟାକ୍ସଫୋର୍ସ୍‌ର ସହ-ଅଧ୍ୟକ୍ଷ ନନ୍ଦନ ନିଲେକାନି କହିଛନ୍ତି, ସମାବେଶି ଅଭିବୃଦ୍ଧି ହାସଲ କରିବା ଲାଗି ସାରା ବିଶ୍ୱର ସରକାର ଏବଂ ବ୍ୟବସାୟୀମାନେ ଭାରତର ଡିଜିଟାଇଜେସନ୍ ବ୍ୟବସ୍ଥା ଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି ।

# ଟ୍ରମ୍ପ-ବିପି

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ରିପବ୍ଲିକାନ୍ ପାର୍ଟିର ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି । ଗତ ରାତିରେ ରିପବ୍ଲିକାନ୍ ନ୍ୟାସନାଲ୍ କମିଟିର ପ୍ରତିନିଧିମାନଙ୍କ ବୈଠକରେ ସଂଖ୍ୟା ଗରିଷ୍ଠତା ହାସଲ କରିବା ପରେ ଶ୍ରୀ ଟ୍ରମ୍ପଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ କରାଯାଇଛି । ୨୦୧୬ରେ ରାଷ୍ଟ୍ରପତି ଭାବେ ବିଜୟ ଲାଭ କରିବା ଏବଂ ୨୦୨୦ରେ ରାଷ୍ଟ୍ରପତି ଜୋ ବାଇଡେନ୍ଙ୍କ ଠାରୁ ପରାସ୍ତ ହେବା ପରେ ଚଳିତ ଥର ତୃତୀୟ ଥର ପାଇଁ ଶ୍ରୀ ଟ୍ରମ୍ପ ରାଷ୍ଟ୍ରପତି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ । ଚଳିତ ବର୍ଷ ନଭେମ୍ବରରେ ଆମେରିକା ରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ପ୍ରକ୍ରିୟା ଶେଷ ହେବ । ଏଥିସହିତ ଓହିଓର ସିନେଟର୍ ଡିଓ୍ୱାନ୍ସ ଉପରାଷ୍ଟ୍ରପତି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ଟ୍ରମ୍ପ ଘୋଷଣା କରିଛନ୍ତି ।

# ଆମେରିକା-କୋର୍ଟ

ଆମେରିକାର ଫ୍ଲୋରିଡାର ଏକ ନ୍ୟାୟାଳୟ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଗୋପନୀୟ ସରକାରୀ ଦସ୍ତାବିଜ୍‌ର ଦୂରୁପଯୋଗ କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହେବା ସମ୍ପର୍କିତ ମାମଲାକୁ ଖାରଜ କରିଛନ୍ତି । ନ୍ୟାୟାଳୟ କହିଛନ୍ତି, ଏହି ମାମଲାରେ ସରକାରଙ୍କ ପକ୍ଷରୁ

ମଧ୍ୟସ୍ଥ ନିଯୁକ୍ତି ଅସାମ୍ବିଧାନିକ ଅଟେ । ସମ୍ପୃକ୍ତ ମଧ୍ୟସ୍ଥ ଜଣଙ୍କୁ ରାଷ୍ଟ୍ରପତି ଟ୍ରମ୍ପ୍ ନିଯୁକ୍ତି ଦେଇନଥିଲେ କିମ୍ବା ତାଙ୍କ ନିଯୁକ୍ତିକୁ ସିନେଟ୍ ଦ୍ୱାରା ଗ୍ରହଣ କରାଯାଇନଥିଲା । ତେଣୁ ଏହା ଗ୍ରହଣୀୟ ନୁହେଁ ବୋଲି ନ୍ୟାୟାଳୟ କହିଛନ୍ତି ।

## ଜୟଶଙ୍କର-ମରିସସ୍

ବୈଦେଶିକ ମନ୍ତ୍ରୀ ଡକ୍ଟର ସୁବ୍ରମଣ୍ୟମ ଜୟଶଙ୍କର ଆଜିଠାରୁ ଦୁଇଦିନିଆ ମରିସସ୍ ଗସ୍ତରେ ଯାଉଛନ୍ତି । ଏହି ଗସ୍ତ କାଳରେ ଶ୍ରୀ ଜୟଶଙ୍କର ମରିସସ୍‌ର ପ୍ରଧାନମନ୍ତ୍ରୀ ପ୍ରବୀନ୍ଦ କୁମାର ଜଗନ୍ନାଥଙ୍କ ସମେତ ଅନ୍ୟ ବରିଷ୍ଠ ମନ୍ତ୍ରୀମାନଙ୍କ ସହ ବୈଠକ କରିବେ । ଏହି ଗସ୍ତ ସମ୍ପର୍କରେ ସୂଚନା ଦେଇ ବିଦେଶ ମନ୍ତ୍ରଣାଳୟ କହିଛି, ଉଭୟ ଦେଶ ମଧ୍ୟରେ ପ୍ରମୁଖ ବିଷୟ ଗୁଡ଼ିକ ଉପରେ ଆଲୋଚନା ହେବ । ମନ୍ତ୍ରଣାଳୟ କହିଛି, ଉଭୟ ଦେଶ ମଧ୍ୟରେ ଆପୋଷ ସମ୍ବନ୍ଧ ଦୃଢ଼ କରିବା ଏବଂ ପଡ଼ୋଶୀ ପ୍ରଥମେ ନୀତି ଅନୁଯାୟୀ ଉଭୟ ଦେଶ ମଧ୍ୟରେ ଥିବା ସ୍ୱାର୍ଥ ଜଡ଼ିତ ପ୍ରସଙ୍ଗ ଉପରେ ଆଲୋଚନା ହେବ ।

# ଧର୍ମେନ୍ଦ୍ର-ଲେଟର

ସାବରମତି, କାଶି ଓ ବାରାଣାସୀ ଭଳି ସମ୍ବଲପୁରର ପୁରୁଣା ଅଯୋଧ୍ୟା ସାଗର ବନ୍ଧକୁ ରିଭର୍‌ଫ୍ରଣ୍ଟ ଡେଭ୍‌ଲପ୍‌ମେଣ୍ଟ ପ୍ରୋଜେକ୍ଟ ଅଧୀନରେ ବିକଶିତ କରିବା ଲାଗି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି । ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦର୍ଶାଇଛନ୍ତି, କେନ୍ଦ୍ର ସରକାର ପରମ୍ପରା ଏବଂ ଆଧୁନିକତା ମଧ୍ୟରେ ଥିବା ସମାନତା ଗୁଡ଼ିକ ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି, ଓଡ଼ିଶାରେ ଅନେକ ପୀଠ, ମନ୍ଦିର, ଐତିହ୍ୟସ୍ଥଳୀ ଏବଂ ପ୍ରାକୃତିକ ଆକର୍ଷଣ ସ୍ଥଳୀ ରହିଛି । ଅନେକ ନଦୀ ଓ ଐତିହାସିକ ସ୍ଥଳୀକୁ ନେଇ ରିଭର୍‌ଫ୍ରଣ୍ଟ ଡେଭ୍‌ଲପ୍‌ମେଣ୍ଟ ପ୍ରୋଜେକ୍ଟ  ବିକଶିତ କରିବାର ସୁଯୋଗ ରହିଥିବା କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି । ବିଶେଷ କରି ମହାନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ବିଶ୍ୱସ୍ତରୀୟ ରିଭରଫ୍ରଣ୍ଟ ପ୍ରକଳ୍ପରେ ପରିଣତ କରିବା ସହ ଏହା ସମ୍ବଲପୁରର ଆଧ୍ୟାତ୍ମିକ ଐତିହ୍ୟ ଓ ଅର୍ଥନୈତିକ ବିକାଶ ପାଇଁ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ । ସେ କହିଛନ୍ତି, ମହାନଦୀ ପାର୍ଶ୍ୱରେ ଥିବା ପୁରୁଣା ଅଯୋଧ୍ୟା ସାଗରବନ୍ଧକୁ ଅତ୍ୟାଧୁନିକ ଜ୍ଞାନକୌଶଳ ସାହାଯ୍ୟରେ ପୁନରୁଦ୍ଧାର କରାଯାଇ ୭ କିଲୋମିଟର ଲମ୍ବ ଜଳାଶୟ ସୃଷ୍ଟି କରିବାର ଆବଶ୍ୟକତା ରହିଛି ।

# ଆଫ୍‌ଗାନିସ୍ତାନ-ଫ୍ଲଡ୍‌

ଆଫ୍‌ଗାନିସ୍ତାନର ପୂର୍ବାଞ୍ଚଳ ନଙ୍ଗରହାରରେ ପ୍ରବଳ ବର୍ଷା ହେବା ଯୋଗୁଁ ଅଚାନକ ଆସିଥିବା ବନ୍ୟାରେ ୩୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୫୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ଏହି ବନ୍ୟା ଯୋଗୁଁ ପାକିସ୍ତାନର ସୀମାବର୍ତ୍ତୀ ଅଞ୍ଚଳ ଏବଂ ଜଲାଲାବାଦ୍‌ର କେତେକ ଅଞ୍ଚଳରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ବନ୍ୟାରେ ଆହତଙ୍କ ସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଛି । ନଙ୍ଗରହାର ନିକଟସ୍ଥ କେତେକ ଅଞ୍ଚଳରେ ବନ୍ୟାରେ ୫ ଜଣଙ୍କ ମୃତ୍ୟୁ ଘଟିଛି । ସେଠାକାର ସରକାରୀ ସୂଚନା ଅନୁଯାୟୀ ଆଫ୍‌ଗାନିସ୍ତାନରେ ପ୍ରବଳ ବର୍ଷା ଏବଂ ବନ୍ୟା ଯୋଗୁଁ ଗତ ମେ ମାସରେ ୪୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ହଜାର ହଜାର ଲୋକ ବାସହୀନ ହୋଇଥିଲେ ।

# ଏସ୍‌ସି-ହିଣ୍ଡନ୍‌ବର୍ଗ

ଅଡ଼ାନି-ହିଣ୍ଡନ୍‌ବର୍ଗ ମାମଲାର ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଦଳ – ଏସ୍.ଆଇ.ଟି. ଗଠନ ପାଇଁ ଗତ ଜାନୁଆରୀ ୩ ତାରିଖରେ ସୁପ୍ରିମ୍‌କୋର୍ଟ ଦେଇଥିବା ନିର୍ଦ୍ଦେଶକୁ ବିରୋଧ କରି ଦାଏର ଆବେଦନକୁ ସର୍ବୋଚ୍ଚ ନ୍ୟାୟାଳୟ ଖାରଜ କରିଛନ୍ତି । ମାମଲାର ବିଚାର କରି ପ୍ରଧାନ

ବିଚାରପତି ଡି.ଓ୍ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଜେ.ବି. ପାର୍ଡିଓ୍ୱାଲା ଏବଂ ଜଷ୍ଟିସ୍ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ସୁପ୍ରିମ୍‌କୋର୍ଟଙ୍କ ପୂର୍ବ ନିର୍ଦ୍ଦେଶରେ କୌଣସି ତ୍ରୁଟି ନ ଥିବା କହିଛନ୍ତି ।

ଗତ ଜାନୁଆରୀ ୩ରେ ସୁପ୍ରିମ୍‌କୋର୍ଟ ଏସ୍.ଆଇ.ଟି. ଗଠନ ଲାଗି ଦେଇଥିବା ନିର୍ଦ୍ଦେଶରେ ସ୍ପଷ୍ଟ କରିଥିଲେ ଅଡ଼ାନୀ-ହିଣ୍ଡନବର୍ଗ ମାମଲାରେ ତୃତୀୟ ପକ୍ଷର ସଂଗଠନ ଦ୍ୱାରା ପ୍ରସ୍ତୁତ ରିପୋର୍ଟକୁ ନିର୍ଣ୍ଣାୟକ ରିପୋର୍ଟ ଭାବେ ଗ୍ରହଣ କରାଯାଇ ପାରିବ ନାହିଁ । ସର୍ବୋଚ୍ଚ ଅଦାଲତ କହିଛନ୍ତି, ଏହି ମାମଲାର ତଥ୍ୟରେ ସେବି ଠାରୁ ଯାଞ୍ଚ୍ କାର୍ଯ୍ୟ ଅନ୍ୟ କାହାକୁ ଦେବା ଆବଶ୍ୟକ ନାହିଁ । ସର୍ବୋଚ୍ଚ ନ୍ୟାୟାଳୟ ପୂର୍ବରୁ କେନ୍ଦ୍ର ସରକାର ଏବଂ ସେବିକୁ ଅନ୍ୟ ଯାଞ୍ଚ୍ ସଂସ୍ଥା ଗୁଡ଼ିକର ପ୍ରକ୍ରିୟା ନେଇ ସ୍ପଷ୍ଟ କରିବାକୁ କହିଥିଲେ ।

## ବାହୁଡ଼ା-ସୁନାବେଶ

ପୁରୀ ଶ୍ରୀ କ୍ଷେତ୍ରରେ ଶ୍ରୀଜୀଉଙ୍କ ବାହୁଡ଼ା ଯାତ୍ରା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି । ଗତକାଲି ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ତିନି ରଥକୁ ଟାଣି ଟାଣି ଶ୍ରୀମନ୍ଦିର ସମ୍ମୁଖରେ  ପହଞ୍ଚାଇଛନ୍ତି । ରଥାରୁଢ଼ ଚତୁର୍ଦ୍ଧା ବିଗ୍ରହଙ୍କୁ ଭକ୍ତ ଓ ଶ୍ରଦ୍ଧାଳୁମାନେ ସିଂହଦ୍ୱାର ସାମ୍ନାରେ ଦର୍ଶନ କରୁଛନ୍ତି । ଆସନ୍ତାକାଲି

ଶ୍ରୀଜୀଉଙ୍କ ସୁନାବେଶ ଅନୁଷ୍ଠିତ ହେବ । ଏଥିଲାଗି ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଥିବା ଜଣାପଡ଼ିଛି ।

ସୁନା ବେଶ, ଅଧରପଣା ଏବଂ ନିଳାଦ୍ରି ବିଜେ ଅନୁଷ୍ଠିତ ହେବାକୁ ଥିବାରୁ ପୂର୍ବତଟ ରେଳପଥ ପକ୍ଷରୁ ୭୬ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଇବା ପାଇଁ ନିଷ୍ପତ୍ତି ହୋଇଛି । ପୁରୀକୁ ଆସୁଥିବା ନିୟମିତ ଟ୍ରେନ୍ ବ୍ୟତୀତ ସୁନାବେଶ ପାଇଁ ୪୩ଟି ଏବଂ ଅଧରପଣା ପାଇଁ ୩୩ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ । ପୂର୍ବରୁ ରଥଯାତ୍ରା ପାଇଁ ୩୧୫ଟି ସ୍ୱତନ୍ତ୍ର ଟ୍ରେନ୍ ବ୍ୟବସ୍ଥା କରାଯାଇଥିଲା । ଆସନ୍ତାକାଲି ସୁନା ବେଶ ପାଇଁ ରାଜ୍ୟ ଭିତରୁ ୧୦ଟି ସ୍ଥାନରୁ ଏବଂ ରାଜ୍ୟ ବାହାରୁ ୩ଟି ସ୍ଥାନରୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ ।

## ବିମାନଚଳାଚଳ

ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କିଞ୍ଜରାପୁ ରାମମୋହନ ନାଇଡୁ କହିଛନ୍ତି, ବିମାନ ଯାତ୍ରାକୁ ଶୁଲଭ ଏବଂ ଶସ୍ତା କରିବା ଲାଗି ସରକାର ପ୍ରାଥମିକତା ଦେଉଛନ୍ତି । ସେ କହିଛନ୍ତି, ଲୋକମାନେ ଯେଭଳି ଅଧିକରୁ ଅଧିକ ବିମାନ ଯାତ୍ରା କରିବେ ଏବଂ ଦୂରଦୂରାନ୍ତ ଅଞ୍ଚଳରେ ସହଜରେ ପହଞ୍ଚି ପାରିବେ ସେଥିଲାଗି ସରକାର ଉଦ୍ୟମ ଜାରି ରଖିଛନ୍ତି । ନୂଆଦିଲ୍ଲୀରେ ଅନୁଷ୍ଠିତ ଦ୍ୱିତୀୟ ଏସୀୟ-ପ୍ରଶାନ୍ତ ମନ୍ତ୍ରୀ ସ୍ତରୀୟ ସମ୍ମିଳନୀ

୨୦୨୪କୁ ଉଦ୍‌ଘାଟନ କରି ଶ୍ରୀ ନାଇଡୁ କହିଛନ୍ତି, ବେସାମରିକ ବିମାନ ଚଳାଚଳ ଢାଞ୍ଚାକୁ ସୁଦୃଢ଼ କରିବା ଲାଗି କେତେକ ବିଷୟ ଉପରେ ସରକାର ବିଚାର କରୁଛନ୍ତି । ଦେଶରେ ପରିବେଶ ଅନୁକୂଳ ଉଦ୍ୟୋଗ ଆପଣେଇବାକୁ ଏବଂ ସେଥିରେ ପୁଞ୍ଜି ବିନିଯୋଗ ଲାଗି ସେ ଆହ୍ୱାନ ଦେଇଛନ୍ତି । ଏହି ସମ୍ମିଳନୀର ତୃତୀୟ ପର୍ଯ୍ୟାୟ ଆସନ୍ତା ସେପ୍ଟେମ୍ବର ୧୧ ଏବଂ ୧୨ ତାରିଖରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ ।

# ଚୀନ୍ ରେନ୍

ଚୀନ୍‌ର ଉତ୍ତରାଞ୍ଚଳରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଦେଖାଦେଇଛି । ସ୍ଥିତିର ମୁକାବିଲା ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ଲାଗି କୁହାଯାଇଛି । ସେଠାକାର ପାଣିପାଗ ବିଭାଗ ଓ ବନ୍ୟା ନିୟନ୍ତ୍ରଣ ବିଭାଗର ସୂଚନା ଅନୁଯାୟୀ ଆଗାମୀ କିଛି ଦିନ ମଧ୍ୟରେ ଚୀନ୍‌ର ଉତ୍ତରାଞ୍ଚଳ ଆଡ଼କୁ ବର୍ଷା ଗତି କରିବା ସହ ପ୍ରବଳ ମାତ୍ରାରେ ବର୍ଷା ହେବ । ଏହାଛଡ଼ା ଅନ୍ୟ କେତେକ ଅଞ୍ଚଳରେ ମଧ୍ୟ ପ୍ରବଳ ବର୍ଷା ହେବା ନେଇ ଚୀନ୍ ପ୍ରଶାସନ ସୂଚନା ଦେଇଛି ।

# ସ୍ୱିଡିସ୍ ଓପନ୍

ସ୍ୱିଡିସ୍ ଓପନ୍ ଟେନିସ୍‌ରେ ପୁରୁଷ ସିଙ୍ଗଲ୍ସର ୩୨ତମ ପର୍ଯ୍ୟାୟରେ ଆଜି ଭାରତର ସୁମିତ ନାଗଲ ଓ ସ୍ୱିଡେନ୍ ଏଲିୟାସ୍ ଏମିର୍‌ଙ୍କ ସହ ମୁକାବିଲା ହେବ । ଆଜି ସନ୍ଧ୍ୟାରେ ପୁରୁଷ ଡବଲ୍ସରେ ସୁମିତ ନାଗଲ ଏବଂ ପୋଲାଣ୍ଡର କରୋଲ ଡ୍ରେଜୋବିକ୍ସିଙ୍କ ଯୋଡ଼ି ଫ୍ରାନ୍ସର ଆଲେକ୍‌ଜେଣ୍ଡାର ମୁଲର ଏବଂ ଲୁକା-ବାନ୍-ଏଶ୍ ଯୋଡ଼ିଙ୍କ ସହ ମୁକାବିଲା କରିବେ ।